**ଏନ୍‌ଏଚ୍‌ଆରସିରେ ନାବାଳିକା ବଳାତ୍କାର ମାମଲା**

**କେନ୍ଦୁଝର, (ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅଞ୍ଚଳରେ ଗତ ୧୩ ତାରିଖରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲା ଜାତୀୟ ମାନବାଧିକାର କମିଶନ ନିକଟରେ ପହଞ୍ଚିଛି। ଏ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଅଭିଯୋଗ କରି ପିଡିତାଙ୍କୁ ଦଶ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ଆଦେଶ କରିଛନ୍ତି। ସେହିପରି ବଳାତ୍କାରୀଙ୍କ ବିରୋଧରେ ଆକ୍ସନ ଟେକେନ ରିପୋର୍ଟ ତିନି ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଚୋରା କୋଇଲା ଜବତ, ୨ ଗିରଫ

**ପଦ୍ମପୁର, ୧୭।୧ (ଡି.ଏନ.ଏ.):** ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ପୋଲିସ ରବିବାର ବିଳମ୍ବିତ ରାତିରେ ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଚୋରା କୋଇଲା ସହ ୨ ବାଇକ୍ ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପାଳିଆ ଗ୍ରାମର ମଳୟ ମଲ୍ଲିକ ଓ ଜିଝାରପୁର ଗ୍ରାମର ପ୍ରଶାନ୍ତ ମଳିକ। ସୂଚନା ଅନୁଯାୟୀ, ପୋଲିସ ଗାଡ଼ି ପାଟ୍ରୋଲିଂ କରୁଥିବା ବେଳେ ଏହି ଦୁଇଜଣ ଦୁଇଟି ବାଇକ୍ ଯୋଗେ ଚୋରା କୋଇଲା ନେଇ ଇଚ୍ଛାପୁର ଆଡ଼କୁ ଯାଉଥିଲେ। ପାଟ୍ରୋଲିଂରେ ଥିବା ହାବିଲଦାର ଭରତ ଚନ୍ଦ୍ର ମାଝି, କନଷ୍ଟେବଲ ଅଜୟ ନାୟକ, ସ୍ମୃତିରଞ୍ଜନ ମହାପାତ୍ର ପ୍ରମୁଖ ସେମାନଙ୍କୁ ପିଛା କରି ସାହାବରଦା ଛକଠାରେ ଧରିଥିଲେ। ଥାନାରେ ମାମଲା (ନଂ.୯/୨୨) ରୁଜୁ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ର ନାଥ ସିଙ୍ଗୁ କହିଛନ୍ତି।

### ଭାଜପାର ମିଶ୍ରଣ ପର୍ବ

**ପଦ୍ମପୁର, ୧୭।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ମାଧବାନନ୍ଦ ମଲ୍ଲିକ, ପ୍ରଭାରୀ ରବିନାରାୟଣ ଦାସ, ପଦ୍ମପୁର ମଣ୍ଡଳ ସଭାପତି ମୁକ୍ତିକାନ୍ତ ଘଡ଼େଇଙ୍କ ଉପସ୍ଥିତିରେ ଶତାଧିକ କର୍ମୀ ଅନ୍ୟ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ପୂର୍ବତନ ସରପଞ୍ଚ ଶ୍ରୀଧର ଦାସଙ୍କ ନେତୃତ୍ୱରେ ଅରୁଣ କୁମାର ଦତ୍ତ, ଗୋବିନ୍ଦ ଚନ୍ଦ୍ର ନାୟକ, ଭାଗୀରଥି ବାରିକ, ଧରଣୀଧର ମହାକୁଡ଼, ବିଜୟ କୁମାର ବାରିକ, ପ୍ରଦୀପ ମଳିକ, ବୃନ୍ଦାବନ ସେନାପତି, ଶୁକଦେବ ବାରିକଙ୍କ ସମେତ ଅନ୍ୟ କର୍ମୀମାନେ ଯୋଗ ଦେଇଛନ୍ତି।

### ତଦନ୍ତ ଦାବି କରି ଧାରଣାରେ ବସିଲେ ସେବାୟତ
### ମନ୍ଦିରରୁ ଚୋରି ଘଟଣା

**ଆନନ୍ଦପୁର,୧୭।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ଫକୀରପୁର ସ୍ଥିତ ବାବା ବାଲୁଙ୍କେଶ୍ୱରଙ୍କ ମନ୍ଦିରରୁ କେତେକ ଦୁର୍ବୃତ୍ତ ଗତ ୨୦୨୧ ଡିସେମ୍ବର ୧୦ ତାରିଖ ବିଳମ୍ବିତ ରାତିରେ ଲୁଟ୍ କରିଥିଲେ। ସେବାୟତଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିଲା। ହେଲେ ଦୀର୍ଘ ମାସେ ବିତିବା ପରେ ବି ପୋଲିସ ପକ୍ଷରୁ ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଥିବା ଜଣାପଡିଛି। ଏହି ଘଟଣାରେ ଉଦ୍‌ବେଗ ପ୍ରକାଶ କରି ଫକୀରପୁର ଗ୍ରାମର ସେବାୟତ ବଳଦେବ ପତି ସୋମବାର ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଆନନ୍ଦପୁର ଉପଜିଲାପାଳଙ୍କ ଦାୟିତ୍ୱରେ ଥିବା ତହସିଲଦାର ତପନ କୁମାର ନାୟକ ଏବଂ ଆନନ୍ଦପୁର ଏସଡିପିଓ ଘଟଣାର ଗୁରୁତ୍ୱକୁ ଅନୁଭବ କରି ଚୋରି ଘଟଣାର ତଦନ୍ତ କରାଯାଇ ଖୁବ ଶୀଘ୍ର ଲୁଟେରାଙ୍କୁ ଧରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ହୋର୍ଡିଂ,ବ୍ୟାନର ହଟାଇବାକୁ ଦାବି

**ବାଲେଶ୍ୱର ଅଫିସ,୧୭।୧-** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ମଧ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସହ ବିଭିନ୍ନ ସରକାରୀ ଯୋଜନାର ହୋର୍ଡିଂ ଓ ବ୍ୟାନର ଲାଗିଥିବା ନେଇ ଭାଜପା ଅଭିଯୋଗ କରିଛି। ଯଥାଶୀଘ୍ର ଏହାକୁ ହଟାଇବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ବିଭିନ୍ନ ସ୍ଥାନରେ ପୂର୍ବରୁ ଲାଗିଥିବା ଜନହିତକର ବିଜ୍ଞାପନରେ କୌଣସି ନେତାଙ୍କ ଫଟୋ ଥିଲେ ସେଗୁଡ଼ିକୁ ତତ୍‌କ୍ଷଣାତ୍ ବାହାର କରିବା ପାଇଁ ନିର୍ବାଚନ କମିଶନ୧ ଗତ ୧୨ ତାରିଖରେ ଜିଲା ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ତତ୍ପରତାର ସହିତ ବ୍ୟାନର, ପୋଷ୍ଟର, ହୋର୍ଡିଂ ଆଦି ଖୋଲି ଦିଆଯାଉଛି। ତେବେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସହିତ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବା ବ୍ୟାନର, ପୋଷ୍ଟର ଓ ହୋର୍ଡିଂଗୁଡ଼ିକୁ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଉଥିବା ବେଳେ ରାଜ୍ୟ ସରକାରଙ୍କ ଯୋଜନା ସହିତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପୋଷ୍ଟର, ବ୍ୟାନର ଓ ହୋର୍ଡିଂ ବିଦ୍ୟୁତ୍ କାର୍ଯ୍ୟାଳୟ, ହସ୍ପିଟାଲ, ଆହାରକେନ୍ଦ୍ର, ଶିକ୍ଷାନୁଷ୍ଠାନ, ରାସ୍ତାକଡ଼, ବସ୍ତି, ପଞ୍ଚାୟତ ଆଦି ସ୍ଥାନରେ ଏବେବି ରହିଥିବା ଭାଜପା ଅଭିଯୋଗରେ ଦର୍ଶାଇଛି।

# ଭୋଟର ତାଲିକାରେ ନାଁ ନାହିଁ

## ବ୍ଲକ ଅଫିସ ସମ୍ମୁଖରେ ଭାଜପାର ବିକ୍ଷୋଭ

**ଆରଡ଼ି, ୧୭।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଆରଡ଼ି ପଞ୍ଚାୟତ ୯ ନଂ. ୱାର୍ଡର ସଂଶୋଧିତ ଭୋଟର ତାଲିକାରୁ ୪୦ଜଣ ବ୍ୟକ୍ତିଙ୍କ ନାମ ବାଦ୍ ପଡିଛି। ଏହି ତାଲିକାରୁ ଜଣେ ଆଶାୟୀ ସରପଞ୍ଚ ପ୍ରାର୍ଥିନୀଙ୍କ ପରିବାରର ୪ଜଣଙ୍କ ନାମ ମଧ୍ୟ ନ ଥିବା ଜଣାପଡ଼ିଛି। ଶାସକ ଦଳର ବିଧାୟକ ଓ କେତେଜଣ ପଞ୍ଚାୟତସ୍ତରୀୟ ନେତାଙ୍କ ଚକ୍ରାନ୍ତ ଓ ହୀନ ରାଜନୀତି ଯୋଗୁ ଏପରି ହୋଇଥିବା ଚାନ୍ଦବାଲିର ଭାଜପା ନେତା ସୁରେଶ ସାହୁ, କମଳାକାନ୍ତ ସୂତାର ଓ ଦେବଦତ୍ତ ପାଢ଼ୀ ଅଭିଯୋଗ କରିଛନ୍ତି। ୩ ଦିନ ହେଲା ପ୍ରାୟ ୧୦ ପରିବାରର ଲୋକେ ବିଡିଓଙ୍କ ଦ୍ୱାରସ୍ଥ ହୋଇଥିଲେ ବି କୌଣସି ସୁଫଳ ନ ମିଳିବାରୁ ସୋମବାର ଆରଡ଼ିରୁ ଭାଜପା କର୍ମୀ ତଥା ୫୦ ମହିଳା ଓ ପୁରୁଷ ଚାନ୍ଦବାଲି ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ବିଡିଓଙ୍କ ବିରୋଧରେ ନାରାବାଜି କରିଥିଲେ। ପରେ ୧୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଏ ସମ୍ପର୍କରେ ଚାନ୍ଦବାଲି ବିଡିଓ ଜ୍ୟୋତି ବିକାଶ ଦାଶଙ୍କୁ ପଚାରିବାରୁ ଗତ ନଭେମ୍ବରରେ ଭୋଟର ତାଲିକା ସଂଶୋଧନ ବେଳେ ଉକ୍ତ ବ୍ୟକ୍ତିମାନଙ୍କ ନାଁ ନ ଥିଲା। ସେତେବେଳେ ସଂଶୋଧନ କରି ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି। ଏନେଇ ସେ ଜିଲାପାଳଙ୍କୁ ଚିଠି ଲେଖି ପଦକ୍ଷେପ ନେବା ପାଇଁ ଜଣାଇଛନ୍ତି। ତେବେ ଏହି ସଂଶୋଧନ ତାଙ୍କ ପରିସର ବାହାରେ ବୋଲି ସେ କହିଛନ୍ତି।


ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### କଚେରି ପରିସରରେ ଚୋରଙ୍କୁ ବାନ୍ଧି ପିଟିଲେ

**ବାଲେଶ୍ୱର ଅଫିସ, ୧୭।୧**

ବାଲେଶ୍ୱର କଚେରୀ ପରିସରରେ ଜଣେ ବ୍ୟକ୍ତି ଗୋଟିଏ ଦୋକାନରୁ ଚୋରି କରୁଥିବା ବେଳେ ଲୋକଙ୍କ ହାତରେ ଧରାପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଚେରୀ ପରିସରରେ ଥିବା ଏକ ଗଛରେ ବାନ୍ଧି ନିର୍ଘୁମ ମାଡ଼ ମାରିଥିଲେ। ଆଖପାଖରେ ଲୋକେ ଠିଆ ହୋଇ ଏହା ଦେଖୁଥିଲେ ମଧ୍ୟ କେହି ପ୍ରତିବାଦ କରି ନ ଥିଲେ। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡ଼ିଛି।

### କରୋନା କଟକଣାକୁ ଫୁ

**ପାଟଣା,୧୭।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଓ ସାହାରପଡା ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ସରକାର କଟକଣା ଜାରି କରିଥିବାବଳେ ମେଳା ମହୋତ୍ସବ ସବୁ ବନ୍ଦ ରଖିଛନ୍ତି। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ପାଟଣା ବ୍ଲକ ଚେମେଣା ପଞ୍ଚାୟତ ଚିଲିଦାରେ। ସୋମବାର ଝୁମର ନୃତ୍ୟ ଗୀତ ସହ ମକର ମେଳାରେ ହଜାର ହଜାର ଲୋକେ ସରକାରଙ୍କ ନିୟମ ଉଲ୍ଲଂଘନ କରିବା ସହ ଠେଲାପେଲା ମଧ୍ୟରେ ସାମାଜିକ ଦୂରତା ଆଉ ମାସ୍କ ନ ପିନ୍ଧି ଏକାଠି ହୋଇ ଝୁମର ନୃତ୍ୟରେ ଝୁମୁଥିବା ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ସାହାରପଡ଼ା ବ୍ଲକ ମାଛଗଡ଼ଠାରେ ମଧ୍ୟ ମେଳାରେ ବହୁସଂଖ୍ୟାରେ ଲୋକେ ଏକତ୍ର ହୋଇ ଘୁସୁ ମେଢ଼ ଏବଂ ଅପେରା ଆୟୋଜନକୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଧାନମଣ୍ଡି ବନ୍ଦ ନେଇ ବଢୁଛି ଅସନ୍ତୋଷ

**ଚମ୍ପୁଆ,୧୭।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ଅନ୍ତର୍ଗତ ରଜିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଖୋଲାଯାଇଥିବା ଧାନମଣ୍ଡି ବନ୍ଦ ହୋଇଯାଇଥିବା ବେଳେ ଚାଷୀଙ୍କ ମଧ୍ୟରେ ଧାନ ବିକ୍ରିକୁ ନେଇ ସନ୍ଦେହ ବଢିବାରେ ଲାଗିଛି। ଟୋକନ ପାଇ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ତଥା ବିଭାଗ ପକ୍ଷରୁ ଟାର୍ଗେଟ ସରିଯାଇଥିବା ସୂଚନା ପାଇ ଚାଷୀମାନେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମଙ୍କ ଦ୍ୱାରସ୍ଥ ହୋଇଥିବା ଜଣା ଯାଇଛି।

ସୂଚନା ଅନୁସାରେ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ଟୋକନ ପାଇଛନ୍ତି। ମାତ୍ର ଗତ ୮ ତାରିଖରୁ ଚମ୍ପୁଆ ଲ୍ୟାମ୍ପ ପକ୍ଷରୁ ଧାନ କିଣାଯାଉଥିବା ଧାନ ମଣ୍ଡି ବନ୍ଦ ହୋଇଯାଇଛି। ହେଲେ ଚାଷୀଙ୍କ ମୋବାଇଲକୁ ଧାନକିଣା ପାଇଁ ଧାର୍ଯ୍ୟ ତାରିଖ ସହ ମେସେଜ ଆସିଯାଇଛି। ତୁରନ୍ତ ଧାନ ମଣ୍ଡି ଖୋଲି ଧାନ କିଣିବାକୁ ଦାବି କରି ଚାଷୀମାନେ ଉପଜିଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ଉପଜିଲାପାଳ ପ୍ରିତିମୟଙ୍କୁ ପଚାରିବାରୁ ଏ ବାବଦରେ ଆଲୋଚନା ଚାଲିଛି। ଖୁବଶୀଘ୍ର ସମାଧାନ ହେବ ବୋଲି ସେ କହିଛନ୍ତି।


ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ।

## ପୁନର୍ଜନ୍ମ ପାଇଲେ ଶିଶୁକନ୍ୟା

**ସଜନାଗଡ଼, ୧୭।୧(ଡି.ଏନ.ଏ.)**

କଥାରେ ଅଛି ରଖେ ହରି ତ ମାରେ କିଏ। ଜଣେ ୬ ବର୍ଷର ଶିଶୁକନ୍ୟା ଚଳନ୍ତା ଟ୍ରକ୍ ସାମ୍ନାରେ ପଡି ଜୀବିତ ଅବସ୍ଥାରେ ବାହାରି ଆସିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ନୀଳଗିରି ନିକଟସ୍ଥ ମିତ୍ରପୁରଠାରେ।

ମୟୂରଭଞ୍ଜର ଖୁଣ୍ଟା ଥାନା ପସୁଦା ଅଞ୍ଚଳର ବିଜୟ ସିଂ ନିଜ ପରିବାର ସହ ସୋମବାର ପଞ୍ଚଲିଙ୍ଗେଶ୍ୱର ଆସିଥିଲେ। ସେଠାରୁ କାମ ସାରି ଏକ ଅଟୋରେ ଘରକୁ ଫେରୁଥିଲେ। ମିତ୍ରପୁରଠାରେ ସେମାନେ ପରିସ୍ରା କରିବା ପାଇଁ ଅଟକିଥିଲେ। ସେହି ସମୟରେ ମିତ୍ରପୁର ଆଡୁ ନୀଳଗିରି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ ସମ୍ମୁଖକୁ ୬ବର୍ଷର ଶିଶୁ ଜ୍ୟୋତ୍ସ୍ନା ଆସିଯାଇଥିଲା। ସେ ଟ୍ରକ ତଳେ ଫଶି ରହିଯାଇଥିଲା। ଟ୍ରକ ଯିବା ପରେ ଶିଶୁଟି ସୁରକ୍ଷିତ ଅବସ୍ଥାରେ ବାହାରିବା ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଶିଶୁ ଉପରେ ମାଡ଼ିଯାଇଥିବା ଜାଣି ଟ୍ରକ ଦ୍ରୁତ ବେଗରେ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକେ ଗୋଡାଇ ଗୋଡ଼ାଇ ଅଟକାଇଥିବା ଚେଷ୍ଟା କରିଥିଲେ। ହେଲେ ଟ୍ରକ ଡ୍ରାଇଭର ଓ ହେଲପର ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଆହତ ଅବସ୍ଥାରେ ଶିଶୁକନ୍ୟାକୁ ନୀଳଗିରି ମେଡ଼ିକାଲକୁ ଆଣି ଚିକିତ୍ସା କରାଯାଇଛି।


୬ ବର୍ଷୀୟା ଜ୍ୟୋସ୍ନା।

### ଯୁଗପୁରା ଷ୍ଟେଶନରେ ବାରିପଦା - ପୁରୀ ଟ୍ରେନ୍ ରହଣି ଦାବି

**ବୈଶିଙ୍ଗା,୧୭।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗପୁରା ଷ୍ଟେଶନଠାରେ ବାରିପଦା–ପୁରୀ ସାପ୍ତାହିକ ଟ୍ରେନ୍ ଅଟକୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଷ୍ଟେଶନ ଉପରେ ନିର୍ଭର କରୁଥିବା ୧୨ ପଞ୍ଚାୟତର ହଜାର ହଜାର ଜନସାଧାରଣ ନିରାଶ ହୋଇପଡ଼ିଛନ୍ତି। ଗୁରୁବାର ଏହି ସ୍ୱତନ୍ତ୍ର ଟ୍ରେନ ଚଳାଚଳର ଶୁଭାରମ୍ଭ ହୋଇଥିବାରୁ ଜିଲାବାସୀ ଉତ୍ସାହିତ ଅଛନ୍ତି। ତେବେ ଜଗନ୍ନାଥ ଧାମ ଯିବା ନିମନ୍ତେ ଏହି ଏକମାତ୍ର ଟ୍ରେନ ଅଞ୍ଚଳବାସୀଙ୍କ ଆବଶ୍ୟକତାକୁ ପୂରଣ କରିବାରେ ସକ୍ଷମ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଯୁଗପୁରାର ପୂର୍ବ ଷ୍ଟେଶନ ଯୁଗଳ ଓ ପରବର୍ତ୍ତୀ ଷ୍ଟେଶନ ଠାକୁରତୋଟାଠାରେ ମଧ୍ୟ ଏହି ରେଳ ରହଣୀର ବ୍ୟବସ୍ଥା କରାଯାଇ ନାହିଁ। ଏ ସମ୍ପର୍କରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କେହି ଗୁରୁତ୍ୱ ଦେଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## କୁପାରୀ ସାହିତ୍ୟ ସଂସଦର ସାରସ୍ୱତ ସମାରୋହ


ସାରସ୍ୱତ ସମାରୋହରେ ଉପସ୍ଥିତ ଅତିଥି।

**ଖଇରା,୧୭।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଅମ୍ବିକା ମନ୍ଦିର ପରିସରରେ ମା' ଅମ୍ବିକା ବିଶ୍ୱ କଲ୍ୟାଣ ସାହିତ୍ୟ ସଂସଦର ୨୯ତମ ସାରସ୍ୱତ ସମାରୋହ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅନାଦି ଚରଣ ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ଡ ଅଜୟ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ ଭରତ ଚନ୍ଦ୍ର ଦାଶ, ସମ୍ମାନିତ ବକ୍ତା ଭାବେ ଡ ଶରତ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ସାହିତ୍ୟର ଧାରାରେ ସମାଜର ଧାରା ପରିବର୍ତ୍ତନୀୟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। କାର୍ଯ୍ୟକାରୀ ସଭାପତି ଶରତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ, ଡା ଉମେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ ପରେ ମୁଖପତ୍ର କଲ୍ୟାଣ ଉନ୍ମୋଚିତ ହୋଇଥିଲା। ଚଳିତବର୍ଷ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଭାବେ କୃଷ୍ଣଚନ୍ଦ୍ର ଜେନା, ଡ. ଆଦିତ୍ୟ ପ୍ରତାପ ଧଳ, ବାବାଜୀ ଚରଣ ନାୟକ, ରମେଶ ଚନ୍ଦ୍ର ପୁହାଣ, ନାରାୟଣ ଚନ୍ଦ୍ର ପେଡା, ଶରତ କୁମାର ଜେନା, ପ୍ରତାପ ଚନ୍ଦ୍ର ସେଠୀ, ଜଳଧର ଦାସ, ଶରତ ଚନ୍ଦ୍ର ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଟଙ୍କା ଫେରସ୍ତ ଦାବିରେ ତେଜିଲେ ଚିଟ୍‌ଫଣ୍ଡ ଜମାକାରୀ



ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀମାନେ ସତ୍ୟାଗ୍ରହ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୭।୧**

ଟଙ୍କା ଫେରସ୍ତ ଦାବିରେ ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚ ପକ୍ଷରୁ ସୋମବାର ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣସତ୍ୟାଗ୍ରହ କରାଯାଇଛି। ଜମାକାରୀମାନେ ବ୍ୟାନର, ପ୍ଲାକାର୍ଡ଼ ଧରି ସ୍ଲୋଗାନ୍ ଦେବା ସହ ଟଙ୍କା ଫେରସ୍ତ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାର କେତେକ ସ୍ୱଳ୍ପ ଜମାକାରୀମାନଙ୍କୁ ଅର୍ଥ ଫେରାଇ ଦେଇଛନ୍ତି। ହେଲେ ବୃହତ୍ ଏବଂ ମଧ୍ୟମ ଜମାକାରୀଙ୍କ ପାଇଁ କୌଣସି ନିୟମ ପ୍ରସ୍ତୁତ କରିନାହାନ୍ତି। ଏହାର ପ୍ରତିବାଦରେ ରାଜ୍ୟର କ୍ଷତିଗ୍ରସ୍ତ ଜମାକାରୀମାନେ ଏଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନେଇଥିବା ମଞ୍ଚର ରାଜ୍ୟ ଆବାହକ ତଥା ସଭାପତି ଜୟନ୍ତ ଦାସ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନର ପ୍ରଦୀପ କୁମାର ସାମଲ, ରଘୁନାଥ ପଣ୍ଡା, ଶେଖ ସୋନୀ, ଶେଖ୍ ଆଲାଉଦ୍ଦିନ, ମହମ୍ମଦ୍ ମୁସ୍ତାଫା, ଶେଖ୍ ନାସିର, ଶେଖ ସଫୁ, ଶେଖ ନିଆଜୁଦ୍ଦିନ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ୪ ଦୋକାନ ଜଳିଗଲା

**ବାଲିଆପାଳ,୧୭।୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ନୂଆଗାଁ ପଞ୍ଚାୟତ କଟରାମହଲ ମାର୍କେଟରେ ନିଆଁ ଲାଗି ୪ ଦୋକାନ ଜଳିଯାଇଛି। ଏହି ଦୋକାନଗୁଡ଼ିକ କାର୍ତ୍ତିକ ପ୍ରଧାନ, ନିରଞ୍ଜନ ଅଣ୍ଡିଆ, ଦିଲ୍ଲୀପ ପରିଡ଼ା ଓ ଅଜୟ ରାଉତଙ୍କର ବୋଲି ସୂଚନା ମିଳିଛି। ବାଲିଆପାଳ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ପୂର୍ବ ବିବାଦରୁ କାର୍ତ୍ତିକଙ୍କ ଦୋକାନରେ ସେହି ଗ୍ରାମର ଜଣେ ବ୍ୟକ୍ତି ନିଆଁ ଲଗାଇ ଦେବେ ବୋଲି ଧମକ ଦେଇଥିଲେ। ଏହାର ଦିନକ ପରେ ସେହି ବ୍ୟକ୍ତି ନିଆଁ ଲଗାଇ ଦେଇଥିବା କାର୍ତ୍ତିକ ଅଭିଯୋଗ କରିଛନ୍ତି।

## ଫସଲ ବୀମା ଅର୍ଥ ଦାବି

**ବନ୍ତ, ୧୭।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ବନ୍ତ, ବାଙ୍ଗୋରପଦୀ, ଶାଳକଣିଆ, ଗଉରପୁର, ଶ୍ରୀବନ୍ତପୁର, ସଖିପାଟଣା, ଧନିଓଝା ଓ ପୁରୁଷୋତ୍ତମପୁର ମୌଜାର ଚାଷୀମାନେ ଗତ ଖରିଫ ଋତୁର ଫସଲ ବୀମା ଅର୍ଥ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଖରିଫ ଋତୁରେ ଏହି ମୌଜାର ଚାଷୀମାନେ ଚାଇଁପୁର ସେବା ସମବାୟ ସମିତିରୁ କୃଷି ଋଣ ନେଇ ଧାନ ଚାଷ କରିଥିଲେ। ମାତ୍ର ଚାଷ ସମୟରେ ପ୍ରତିକୂଳ ପାଣିପାଗ ଓ ରୋଗପୋକ ସମସ୍ୟା ଦେଖାଯାଇଥିଲା। ସମିତିରୁ ଋଣ ନେବା ସମୟରେ ଚାଷୀମାନେ ଶସ୍ୟ ବୀମା କରିଥିଲେ। ଏପରିସ୍ଥଳେ ଶତାଧିକ ଏକର ଜମିରେ ଫସଲହାନି ହୋଇଥିବା ବେଳେ ଚାଷୀମାନଙ୍କୁ ଫସଲ ବୀମା ଟଙ୍କା ଅର୍ଥ ମିଳିନାହିଁ। ଫସଲ ବୀମା ଅର୍ଥ ପ୍ରଦାନ ସହ ଋଣ ଛାଡ଼ କରିବା ପାଇଁ ରାଧାନାଥ ସାହୁ, ଜୟନ୍ତ କୁମାର ସାହୁ, ପ୍ରବୋଧ କୁମାର ସାହୁ, ବିଷ୍ଣୁ ମୋହନ ସାହୁ, ସୁବାସ ଚନ୍ଦ୍ର ପୃଷ୍ଟି, ଗୟାଧର ନାୟକ, ସୁଦର୍ଶନ ସାହୁ, ଆଲୋକ ରଞ୍ଜନ ମୁଖାର୍ଜୀ, ଗଦାଧର ବେହେରା ପ୍ରମୁଖ ଚାଷୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପାଣି ପାଇଁ ୧ କି.ମି.

■ ପରିତ୍ୟକ୍ତ କୂଅ ଭରସା
■ ୨ଶହ ଲୋକ ହଇରାଣ

**ବାରିପଦା ଅଫିସ,୧୭।୧**

ମୟୂରଭଞ୍ଜ ଜିଲା କୁଳିଅଣା ପଞ୍ଚାୟତ ପାଣିଜିଆ ଗ୍ରାମବାସୀ ଜଳକଷ୍ଟ ଭୋଗୁଛନ୍ତି। ୧ କି.ମି ଦୂର ବିଲ ମଧ୍ୟରେ ଥିବା ପରିତ୍ୟକ୍ତ କୂଅରୁ ମହିଳାମାନେ ପିଇବା ପାଣି ସଂଗ୍ରହ କରୁଛନ୍ତି। ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ଲାଗି ସରକାର ଘୋଷଣା କରିଥିଲେ ହେଁ ଉକ୍ତ ଗ୍ରାମରେ ତାହା ଅପହଞ୍ଚ ହୋଇପଡ଼ିଛି। ମୌଳିକ ସୁବିଧା ନ ପାଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏହି ଗାଁରେ ୪୦ରୁ ଊର୍ଦ୍ଧ୍ୱ ପରିବାରର ୨ଶହରୁ ଅଧିକ ଲୋକ ବସବାସ କରନ୍ତି। ଗ୍ରାମରେ ଥିବା ଗୋଟିଏ ନଳକୂପରୁ ସମସ୍ତେ ପାନୀୟ ଜଳ ସଂଗ୍ରହ କରିବା ସହିତ ଆନୁସଙ୍ଗିକ ବ୍ୟବହାର କରିଥାନ୍ତି। ମାତ୍ର ଦୀର୍ଘ ଦିନ ହେଲା ଉକ୍ତ ନଳକୂଅରୁ ଅପରିଷ୍କାର ପାଣି ବାହାରୁଥିବାରୁ ତାହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ଗ୍ରାମର ମହିଳାମାନେ ବଣଜଙ୍ଗଲ ପାର ହୋଇ ଖାଲ ଢ଼ିପ ରାସ୍ତାରେ ୧ କି,ମି ଦୂରକୁ ଯାଇ ପରିତ୍ୟକ୍ତ କୂଅରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି। ଗ୍ରାମରେ ଥିବା ନଳକୂଅକୁ ସଜାଡ଼ିବା ପାଇଁ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଛି। ମାତ୍ର ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଗ୍ରାମର ସୁକାନ୍ତୀ ନାଏକ, ସୁଭଦ୍ରା ନାୟକ ପ୍ରକାଶ କରିଛନ୍ତି। ସେହିପରି ହାଡିବନ୍ଧୁ ନାୟକ, ବାସନ୍ତୀ ନାଏକ ଓ ଗୋପବନ୍ଧୁ ସିଂ କୁହନ୍ତି ଗ୍ରାମରେ ଏକ ନୂତନ ନଳକୂପ ଖୋଳିବା ପାଇଁ ସରପଞ୍ଚ ଓ ୱାର୍ଡସଭ୍ୟଙ୍କୁ କହିବା ପରେ ମଧ୍ୟ ସେଥି ପ୍ରତି ଗୁରୁତ୍ୱ ଦିଆଯାଇ ନାହିଁ। ବାଧ ହୋଇ ଗାଁଲୋକେ ଚୁଆ ପାଣିକୁ ଭରସା କରି ଜୀବନ ବଞ୍ଚାଉଛନ୍ତି। ଏହି ଗାଁରେ ୨୦ ବର୍ଷ ହେଲା ପାନୀୟ ଜଳ ସଙ୍କଟ ଲାଗି ରହିଥିଲେ ହେଁ ବିଭାଗୀୟ ଅଧିକାରୀ କିମ୍ବା ଲୋକ ପ୍ରତିନିଧିମାନେ ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି। ଫଳରେ ପିଇବା ଅନୁପଯୋଗୀ ପାଣିକୁ ବ୍ୟବହାର କରି ଶିଶୁ ଓ ବୃଦ୍ଧାବୃଦ୍ଧ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ସଂକ୍ରାନ୍ତରେ କୁଳିଅଣା ବିଡିଓ ଦେବାଶିଷ ମହାପାତ୍ରଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯନ୍ତ୍ରୀ ଶମ୍ଭୁନାଥ ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ନଳକୂଅ ମରାମତି କରାଯାଇଥିଲା। ନିର୍ବାଚନ ପରେ ପୁଣି ମରାମତି କରାଯିବ ବୋଲି କହିଛନ୍ତି। ତେବେ ନିର୍ବାଚନ ସରିବା ପର୍ଯ୍ୟନ୍ତ ଜଳ କଷ୍ଟ ଭୋଗିବାକୁ ପଡ଼ିବ ବୋଲି ଗାଁ ଲୋକେ କ୍ଷୋଭର ସହ ପ୍ରକାଶ କରିଛନ୍ତି।


ମହିଳାମାନେ ପାଣି ସଂଗ୍ରହ କରି ଫେରୁଛନ୍ତି।

### ଜଙ୍ଗଲ ସୁରକ୍ଷା ପାଇଁ ସଚେତନତା ଶିବିର

**ସଜନାଗଡ଼,୧୭।୧(ଡି.ଏନ.ଏ.)**

ନୀଳଗିରି ବନବିଭାଗ ଓ କୁଲିଡ଼ିହା ବନବିଭାଗ ପକ୍ଷରୁ ପରିବେଶ ସୁରକ୍ଷା ଲାଗି ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଛି। ଜଙ୍ଗଲକୁ କିପରି ନିଆଁଦାଉରୁ ରକ୍ଷା କରିବା, ଜଙ୍ଗଲ ସୁରକ୍ଷା ସହିତ ବନ୍ୟପ୍ରାଣୀ କିପରି ସୁରକ୍ଷିତ ରହିବେ ସେନେଇ ସଚେତନ କରାଯାଇଥିଲା। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ନିଆଁକୁ କିଭଳି ବନକର୍ମଚାରୀମାନେ ଆୟତ୍ତ କରିପାରିବେ ସେନେଇ ସଜନାଗଡ଼ ଫରେଷ୍ଟ ନର୍ସରୀ ପରିସରରେ ବନକର୍ମଚାରୀମାନଙ୍କୁ ନେଇ ମକ୍ ଡ୍ରିଲ ନୀଳଗିରି ଫାୟାର ଅଫିସର ବିଷ୍ଣୁପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଏସସିଏଫ୍‌ଓ ସୁଶାନ୍ତ କୁମାର ଜେନା, ନୀଳଗିରି ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା, କୁଲିଡ଼ିହା ରେଞ୍ଜ ଅଫିସର ଅନନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

